The Orissa Gazette

EXTRAORDINARY
PUBLISHED BY AUTHORITY

No. 2239, CUTTACK, THURSDAY, SEPTEMBER 29, 2011/ ASWINA 7, 1933

## HOUSING & URBAN DEVELOPMENT DEPARTMENT

NOTIFICATION

The 29th September, 2011

**S.R.O.No.913**/2011—In pursuance of sub-section (1) and Clause(h) of sub-section(2) of Section 54 of the Orissa Municipal Act,1950(Orissa Act 23 of 1950), the State Government do hereby publish the following resolution passed by two third of the total number of the councillors of Bhuban, Notified Area Council at a meeting of the said council held at 11.00 A.M. on the 10th November, 2010 in the Conference Hall of the Bhuban, Notified Area Council specially convened by the Collector & District Magistrate, Dhenkanal and presided over by the Sub-Collector, Kamakhyanagar having been specially authorized by the Collector & District Magistrate, Dhenkanal under clause (d) of sub-section (2) of Section 54 of the said Act, recording want of confidence in Sri Nanda Kishore Sahoo, Chairperson of the aforesaid council along with records of proceedings at such meeting.

As such Sri Nanda Kishore Sahoo holding the office of Chairperson of the Bhuban Notified Area Council shall be deemed to have vacated such office with effect from the date of passing of the resolution i.e. the 10th November, 2010 subject to the final decision on the review petition bearing RVWPET No.152 of 2011.

## "RESOLUTION"

ଭୁବନ ବିଞ୍ଝାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶ୍ରୀ ନନ୍ଦକିଶୋର ସାହୁଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଭୁବନ ବିଞ୍ଝାପିତ ଅଞ୍ଚଳପରିଷଦ କାର୍ଯ୍ୟାଳୟ ସଭାଗୃହ ଠାରେ ସ୍ୱତନ୍ତ୍ର ବୈଠକ ।

---

ଉପସ୍ଥିତ କାଉନସିଲର ମାନଙ୍କ ସ୍ୱାକ୍ଷର

ତା.୧୦/୧୧/୨୦୧୦
ସମୟ - ପୂର୍ବାହ୍ନ ୧୧ ଘଟିକା
ସ୍ଥାନ- ଭୁବନ ବିଞ୍ଝାପିତ ଅଞ୍ଚଳ
ପରିଷଦ କାର୍ଯ୍ୟାଳୟ ସଭାଗୃହ

1. Sd/- Hrudananda Maharana
2. Sd/- Pabitra Sahoo
3. Sd/- Mohan Nayak
4. ସ୍ୱା/- ଇନ୍ଦ୍ରମଣି ମହାପାତ୍ର
5. Sd/- Benu dhar Pothal
6. Sd/- Bijay Kumar Bej
7. Sd/- Saroj Nalini Sahoo
8. ସ୍ୱା/- ଶରଣ ନାଏକ
9. Sd/- Khageswr Sethy
10. Sd/- Harapriya Sethy
11. Sd/- Santilata Sahoo
12. Sd/- Suresh Ku. Sahoo

ଅଦ୍ୟ ପାର୍ଶ୍ୱ ସ୍ୱାକ୍ଷରିତ ଭୁବନ ବିଞ୍ଝାପିତ ଅଞ୍ଚଳ ପରିଷଦର ୧୨(ବାର) ଜଣ କାଉନସିଲର (ସଂଲଗ୍ନ ଉପସ୍ଥାନ ମତେ)ଙ୍କ ଉପସ୍ଥିତିରେ ଢେଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟଙ୍କ ଦ୍ୱାରା ପ୍ରାଧିକୃତ (authorised) ଶ୍ରୀ ବାବାଜୀ ଚରଣ ଦାସ, ଓ.ଏ.ଏସ୍(୧) ଉପ-ଜିଲ୍ଲାପାଳ, କାମାକ୍ଷାନଗରଙ୍କ ଅଧ୍ୟକ୍ଷତାରେ ଉପରୋକ୍ତ ସ୍ଥାନ ଓ ସମୟରେ ପରିଷଦର ସ୍ୱତନ୍ତ୍ର ବରାଦୀ ବୈଠକ ଅନୁଷ୍ଠିତ ହୋଇଥିଲା ।

(୧) ଭୁବନ ବିଞ୍ଝାପିତ ଅଞ୍ଚଳ ପରିଷଦର ୬(ଛଅ) ଜଣ କାଉନ୍‌ସିଲରଙ୍କ ବରାଦ (requisition) ପରିପେକ୍ଷୀରେ ଜିଲ୍ଲାପାଳ ଢେଙ୍କାନାଳ, ଅଧ୍ୟକ୍ଷ ଶ୍ରୀ ନନ୍ଦ କିଶୋର ସାହୁଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଗୁପ୍ତ ଭୋଟ ମାଧ୍ୟମରେ ମତାମତ ଗ୍ରହଣ କରିବା ପାଇଁ ଅଦ୍ୟ ତା.୧୦/୧୧/୧୦ ରିଖ, ଦିବା ୧୧ ଘଟିକା ସମୟକୁ ପରିଷଦର ବରାଦୀ ବୈଠକ ହେବାକୁଧାର୍ଯ୍ୟ କରିଥିଲେ ଏବଂ ସମସ୍ତ କାଉନସିଲର ମାନଙ୍କୁ ଏହି ବୈଠକରେ ଯୋଗଦାନ କରିବା ପାଇଁ ନୋଟିସ ପ୍ରଦାନ କରାଯାଇଥିଲା । ଆଜିର ବୈଠକରେ ପରିଷଦର ସର୍ବମୋଟ ୧୫ (ପନ୍ଦର) ଜଣ କାଉନସିଲରଙ୍କ ମଧ୍ୟରୁ ୧୨ (ବାର) ଜଣ କାଉନସିଲର ଉପସ୍ଥିତ ଥିଲେ ।

(୨) ଉପଜିଲ୍ଲାପାଳ, କାମାକ୍ଷାନଗର ଶ୍ରି ବାବାଜୀ ଚ଼ରଣ ଦାସ ତଥା ଆଜିର ବୈଠକର ସଭାପତି, ଉପସ୍ଥିତ ସମସ୍ତ କାଉନସିଲର ମାନଙ୍କୁ ସୁଚନା ଦେଇଥିଲେ ଏବଂ ପ୍ରସ୍ତାବ (resolution) ସଂପର୍କରେ ଆଲୋଚନା କରିବାକୁ କହ଼ିଥିଲେ । ନିମ୍ନମତେ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଗଲା ।

ଦିବା ୧୧ ଘଟିକାରୁ ୧୧.୩୦ - ସଭ୍ୟ/ସଭ୍ୟାମାନଙ୍କ ଉପସ୍ଥାନ ଓ ଦସ୍ତଖତ

ଦିବା ୧୧.୩୦ ରୁ ୧୨.୦୦(ମଧ୍ୟାହ୍ନ)-ପ୍ରସ୍ତାବ ଉପରେ ଆଲୋଚ଼ନା ଓ ଭୋଟ ଦାନ ।

ଉପସ୍ଥିତ କାଉନସିଲରମାନେ ଆଲୋଚନା କରିବାକୁ ମନାକଲେ ଓ ଗୁପ୍ତ ଭୋଟଦାନ ମାଧ୍ୟମରେ ମତାମତ ଦେବାକୁ ପ୍ରସ୍ତାବ ଦେଲେ । ତଦନୁଯାୟୀ ପୂର୍ବାହ୍ନ ୧୧.୩୫ ଠାରୁ ଭୋଟଦାନ ପ୍ରକ୍ରିୟା ଆରମ୍ଭ କରାଗଲା । ଏଥି ନିମନ୍ତେ ସଭାଗୃହରେ ଭୋଟଦାନ କକ୍ଷ ପ୍ରସ୍ତୁତ କରା ଯାଇଥିଲା ଏବଂ ଭୋଟ ବାଘର ବ୍ୟବସ୍ଥା କରାଯାଇଥିଲା । ଭୋଟଦାନର ପ୍ରଣାଳୀ ସଭାପତି କାଉନସିଲରମାନଙ୍କୁ ବୁଝାଇ ଦେଇଥିଲେ । ଭୋଟ ଦାନ ପୂର୍ବରୁ ଭୋଟ ବାଘ ଖାଲି ଥିବାର କାଉନସିଲର ମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ଭୋଟ ବାଘ ଖାଲିଥିବା କଥା ଉପସ୍ଥିତ କାଉନସିଲରମାନେ ପ୍ରକାଶ କରିଥିଲେ । ଉପସ୍ଥିତ କାଉନସିଲରମାନଙ୍କୁ ଜଣକ ପରେ ଜଣଙ୍କୁ ଭୋଟ କାଗଜ ଯୋଗାଇ ଦିଆଯାଇଥିଲା । ମତଦାନ ସ୍ତମ୍ଭରେ ଯୋଗାଇ ଦିଆଯାଇଥିବା ଗୋଲେଇ ମଧ୍ୟରେ ଠୁକ ଚିହ୍ନ (ଗୋଲେଇ ମଧ୍ୟରେ Cross Mark)ମାଧ୍ୟମରେ ମତାମତ ଦେବାକୁ କୁହ଼ାଯାଇଥିଲା । ଉପସ୍ଥିତ କାଉନସିଲରମାନେ ଜଣକପରେ ଜଣେ ମତଦାନ କକ୍ଷକୁ ଯାଇ ଭୋଟକାଗଜ ଆଣି ଭୋଟବାଘରେ ପକାଇଥିଲେ ।

1. Sd/-
   Hrudananda Maharana
2. Sd/-
   Pabitra Sahoo
3. ସ୍ୱା/-
   ଇନ୍ଦ୍ରମଣି ମହାପାତ୍ର
4. Sd/-
   Benu dhar Pothal
5. Sd/-
   Saroj Nalini Sahoo
6. ସ୍ୱା/-
   ଶରଣ ନାଏକ
7. Sd/-
   Khageswar Sethy
8. Sd/-
   Harapriya Sethy
9. Sd/-
   Santilata Sahoo
10. Sd/-
    Suresh Ku. Sahoo
11. Sd/-
    Bijay Kumar Bej
12. Sd/-
    Mohan Nayak

ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ଆଦେଶମତେ ଆନାସ୍ଥା ପ୍ରସ୍ତାବ ଅନୁଷ୍ଠିତ ହେଲା ଏବଂ ପକ୍ଷାପକ୍ଷ ପ୍ରକାଶ ପାଇବ ନାହିଁ। ତେଣୁ ଭୋଟବାଘ ରେ ଥିବା ସମସ୍ତ ଭୋଟ କାଗଜ ସହିତ ଭୋଟବାଘକୁ ଜଉମୁଦ ଦ୍ୱାରା ସିଲ୍ କରାଗଲା। ଉପସ୍ଥିତ କାଉନସିଲରମାନଙ୍କୁ ଅନୁରୋଧ କରାଗଲା ଯେ ସେମାନେ ଭୋଟବାଘ ସିଲ୍ ଓ ତା ଉପରେ ଭୋଟଦାନ କକ୍ଷ ପାଇଁ ବ୍ୟବହୃତ କନାରେ ସିଲ୍ କରାଗଲା ସମୟରେ ଉପସ୍ଥିତ ରହି ସାକ୍ଷୀ ଭାବରେ ଦସ୍ତଖତ ଦେବେ ଯେପରିକି ଏହା ଅତୁଟ ରହିବ। ପରବର୍ତ୍ତୀ ସମୟରେ ସେମାନେ ମଧ୍ୟ ଟ୍ରେଜେରୀରେ ବାଘ ରହିବା ସମୟରେ ଉପସ୍ଥିତ ରହି ଦସ୍ତଖତ ଦେଇପାରିବେ, ଜିଲ୍ଲାପାଳ, ଢେଙ୍କାନାଳଙ୍କ ପତ୍ର ସଂଖ୍ୟା-୧୧୭୦/ତା.୯.୧୧.୧୦ ରିଖ ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା, କଟକଙ୍କ ଆଦେଶମତେ ଉପରୋକ୍ତ ସିଲ ଭୋଟବାଘ କାମକ୍ଷାନଗର କୋଷାଗାରରେ ରଖିବାକୁ ସବ୍-ଟ୍ରେଜେରୀ ଅଧିକାରୀ କାମାକ୍ଷାନଗରଙ୍କୁ ଅନୁରୋଧ କରାଗଲା ଏବଂ ସବ୍‌ଡିଭିଜନାଲ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ନିମନ୍ତେ ଓ କାମାକ୍ଷାନଗର କୋଷାଗାର ପର୍ଯ୍ୟନ୍ତ ଭୋଟ ବାଘ ସହିତ ଆରକ୍ଷୀ ବାହିନୀ ଯିବା ପାଇଁ ଅନୁରୋଧ କରାଗଲା।

ଏ ବିଷୟ ଜିଲ୍ଲାପାଳ, ଢେଙ୍କାନାଳ/ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ଜଣାଇଦେବାକୁ ସ୍ଥିର କରାଗଲା।

Sd/-
Babaji Ch. Das
10/11/10
ସଭାପତି ତଥା ଉପଜିଲ୍ଲାପାଳ,
କାମାକ୍ଷାନଗର

ପରିପତ୍ର ସଂଖ୍ୟା-1855 ତା.10.10.2010.

ଏହାର ଏକକିତା ନକଲ ଜିଲ୍ଲାପାଳ,ଢେଙ୍କାନାଳ, ଅନୁଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡିଶା, ଭୁବନେଶ୍ୱର/ ଉତ୍ତରାଞ୍ଚଳ ରାଜସ୍ୱ କମିଶନ, ସମ୍ବଲପୁର/ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ କଟକ (୨) ତଥା ସ୍ଥାନୀୟ କାର୍ଯ୍ୟ ନିରିକ୍ଷକ/ସମସ୍ତ କାଉନସିଲର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ଅବଗତି ଓ ଆବଶ୍ୟକୀୟ କାର୍ଯ୍ୟାନଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Sd/-
10.11.10
Executive Officer
Bhuban N.A.C.

ଓଡିଶା ମ୍ୟୁନିସିପାଲ ଆଇନ୍ ୧୯୫୦ ର ଧାରା ୫୪ (୧) ମତେ, ତା.୧୦/୧୧/୨୦୧୦ ରିଖରେ ଭୁବନ ବିଞ୍ଚାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ନନ୍ଦକିଶୋର ସାହୁଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ହୋଇଥିବା ମତଦାନର ପଫଳାପଫଳ ଘୋଷଣା ନିମନ୍ତେ ବୈଠକ ।

---

ଉପସ୍ଥିତ ସଦସ୍ୟ/ସଦସ୍ୟାଙ୍କ ସ୍ୱାକ୍ଷର

ତା.୨୮/୭/୨୦୧୧
ସମୟ - ପୂର୍ବାହ୍ନ ୧୧ ଘଟିକା
ସ୍ଥାନ- ଭୁବନ ବିଞ୍ଚାପତି ଅଞ୍ଚଳ ପରିଷଦର ସଭାଗୃହ

ସ୍ୱା/-
ଇନ୍ଦ୍ରମଣି ମହାପାତ୍ର
Sd/-
Saroj Nalini Sahoo
ସ୍ୱା/-
ଶରଣ ନାଏକ
Sd/-
Mohan Nayak
ସ୍ୱା/-
ବିଜୟ କୁମାର ବେଜ
Sd/-
Hrudananda Maharana
Sd/-
Suresh Ku. Sahoo
Sd/-
Harapriya Sethy
Sd/-
Santilata Sahoo
Sd/-
Pabitra Sahoo

ଅଦ୍ୟ ତା.୨୮/୭/୨୦୧୧ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ପାର୍ଶ୍ୱ ସ୍ୱାକ୍ଷରୀତ ୧୦ ଜଣ ସଦସ୍ୟ/ସଦସ୍ୟାଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଢେଙ୍କାନାଳଙ୍କ ଦ୍ୱାରା ପରିପତ୍ର ସଂ.-983 ତା.20/7/2011 ଦ୍ୱାରା ପ୍ରାଧିକୃତ ଉପ-ଜିଲ୍ଲାପାଳ କାମାକ୍ଷାନଗର ଶ୍ରୀ ବିରଞ୍ଚି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପରୋକ୍ତ ସମୟ ଓ ସ୍ଥାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

(୧) ଭୁବନ ବିଞ୍ଚାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶ୍ରୀ ନନ୍ଦକିଶୋର ସାହୁଙ୍କ ବିରୁଦ୍ଧରେ ଆଗତ ଆନାସ୍ଥା ପ୍ରସ୍ଥାବ ଉପରେ ଗତ ତା.୧୦/୧୧/୨୦୧୦ ରିଖରେ ପରିଷଦର ସ୍ୱତନ୍ତ୍ର ବୈଠକ ହୋଇ ଭୋଟ ଗ୍ରହଣ କରାଯାଇଥିଲା । ଜିଲ୍ଲାପାଳ, ଢେଙ୍କାନାଳଙ୍କ ଦ୍ୱାରା ପ୍ରାଧିକୃତ ହୋଇ ଶ୍ରୀ ବାବାଜି ଚ଼ରଣ ଦାସ, ଉପ-ଜିଲ୍ଲାପାଳ କାମାକ୍ଷାନଗର ଏହି ସଭାରେ ସଭାପତିତ୍ୱ କରିଥିଲେ । ଏବଂ ସଭାର ବିବରଣୀ ଲିପିବଧ କରିଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡ଼ିଶାଙ୍କର W.P.(C) No.18662/2010 ଆଦେଶ ମତେ ଭୋଟ ଦେବା ଶେଷ ହୋଇଥିଲେ ମଧ୍ୟ ତହିଁର ପଫଳାପଫଳ ସ୍ଥଗିତ ରଖାଯାଇଥିଲା । ଭୋଟ ଦାନ ପରେ ମତଦାନ ହୋଇଥିବା ସମସ୍ତ ଭୋଟ କାଗଜ ସହିତ ଭୋଟ ବାଘକୁ ବିଧିବଦ୍ଧ ଭାବେ ଜଉମୁଦ ଦ୍ୱାରା ସିଲ୍ କରାଯାଇ ଉକ୍ତ ଭୋଟ ବାଘକୁ କାମାକ୍ଷାନଗର କୋଷାଗାରରେ ସୁରକ୍ଷିତ ଭାବେ ରଖା ଯାଇଥିଲା ।

ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କର W.P.(C) No.18662/2010 ତା.13/7/2011 ରିଖ ଆଦେଶ ଅନୁଯାୟୀ ଜିଲ୍ଲାପାଳ, ଢେଙ୍କାନାଳଙ୍କ ଦ୍ୱାରା ପ୍ରାଧିକୃତ ହୋଇ ଉପ-ଜିଲ୍ଲାପାଳ, କାମାକ୍ଷାନଗର ଉକ୍ତ ବୈଠକ ଆହ୍ୱାନ କରିଥିଲେ । ଏହା ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କର ଆଦେଶ ଅନୁଯାୟୀ ପଫଳାପଫଳ ଘୋଷଣା ନିମନ୍ତେ ଉଦ୍ଦିଷ୍ଟ ଥିଲା । କାମାକ୍ଷାନଗର କୋଷାଗାରରେ ସୁରକ୍ଷିତ ଥିବା ଉପରୋକ୍ତ ସିଲ୍ ବାକ୍ସକୁ Executive Magistrate ଓ ଆରକ୍ଷୀ ବାହିନୀ ସହିତ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ସଭାଗୃହକୁ ନିର୍ଦ୍ଧାରିତ ସମୟରେ ଆଣାଯାଇଥିଲା ।

ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାରମ୍ଭରେ ଉପ-ଜିଲ୍ଲାପାଳ, କାମାକ୍ଷାନଗର ଉପସ୍ଥିତ ଥିବା ସଦସ୍ୟ/ସଦସ୍ୟାମାନଙ୍କୁ ଏ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଆଦେଶ ମତେ ତା.୧୦/୧୧/୨୦୧୦ ରିଖରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ହୋଇଥିବା ମତଦାନର ପଫଳାପଫଳ ଘୋଷଣା ପାଇଁ ଏହି ବୈଠକ ଆହ୍ୱାନ କରାଯାଇଅଛି ବୋଲି ଅବଗତ କରାଇଥିଲେ । ଏହାପରେ ସୁରକ୍ଷିତ ଥିବା ଭୋଟ ବାକ୍ସର ସିଲ୍କୁ ସଦସ୍ୟ/ସଦସ୍ୟା ବୃନ୍ଦ ଯାଞ୍ଚ କରିଥିଲେ ଓ ଏହା ଠିକ୍ ଥିବାର ମତପ୍ରକାଶ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କ ଉପସ୍ଥିତିରେ ଜଉମୁଦ ଥିବା ଭୋଟ ବାକ୍ସ ଖୋଲା ଗଲା । ଉକ୍ତ ଭୋଟ ବାକ୍ସରୁ ୧୨ ଗୋଟି ଭୋଟ କାଗଜ ମିଳିଥିଲା ଓ ଏହାପରେ ଖାଲି ବାକ୍ସକୁ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ଦେଖାଇ ଦିଆଯାଇଥିଲା । ଉକ୍ତ ଭୋଟ କାଗଜକୁ ଗଣାଯିବାପରେ ଦେଖା ଗଲା ଯେ, ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୧୧ ଗୋଟି ଏବଂ ୧ ଗୋଟିରେ କୌଣସି ମତଦାନ କରାଯାଇ ନଥିଲା । ଏଣୁ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୧୧ (ଏଗାର) ଗୋଟି ମତଦାନ ହୋଇଥିଲାବେଳେ ପ୍ରସ୍ତାବ ବିପକ୍ଷରେ କୌଣସି ଭୋଟ ମିଳି ନଥିଲା । ଏବଂ ଗୋଟିକରେ (ଏକଗୋଟି) କୌଣସି ମତଦାନ ହୋଇ ନଥିବାରୁ ଏହି ଭୋଟ କାଗଜଟିକୁ ନାକଚ଼ ଘୋଷଣା କରାଗଲା ।

ଏହି ପରିଷଦର ମୋଟ ସଦସ୍ୟ/ସଦସ୍ୟା ସଂଖ୍ୟା ୧୫ ଅଟେ । ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୧୧ (ଏଗାର) ଜଣ ତଥା ସମୁଦାୟ ସଦସ୍ୟ/ସଦସ୍ୟା ସଂଖ୍ୟାର ଦୁଇ ତୃତୀୟାଂଶରୁ ଅଧିକ ମତଦାନ କରିଥିବାରୁ ଅଧ୍ୟକ୍ଷ ଶ୍ରୀ ନନ୍ଦକିଶୋର ସାହୁଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଗୃହିତ ହେଲାବୋଲି ସଭାପତି ଘୋଷଣା କରିଥିଲେ ।

ଏହି ଭୋଟ କାଗଜ ଗୁଡିକୁ ଜଉମୁଦ କରାଯାଇ ମାଜିଷ୍ଟ୍ରେଟ୍ ଓ ଆରକ୍ଷୀ ବାହିନୀଙ୍କ ସହାୟତାରେ କାମାକ୍ଷାନଗର କୋଷାଗାରରେ ରଖାଯିବା ନିମନ୍ତେ ସ୍ଥିର କରାଗଲା ଉକ୍ତ ଜଉମୁଦ ବାକ୍ସର ଚାବିଟିକୁ ନିର୍ବାହୀ ଅଧିକାରୀ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ଦାୟୀତ୍ୱରେ ଦିଆଗଲା ।

ଏ ବିଷୟ ଓଡିଶା ମ୍ୟୁନିସିପାଲ ଆଇନ୍ ଧାରା 54 (ଜ) ଓ (ଝ) ଅନୁଯାୟୀ ସରକାରଙ୍କର ନଗର ଉନ୍ନୟନ ବିଭାଗ ଭୁବନେଶ୍ୱର ଏବଂ ଜିଲ୍ଲାପାଳ, ଢେଙ୍କାନାଳଙ୍କୁ ଜଣାଇ ଦେବାକୁ ସ୍ଥିର କରାଗଲା ।

ଶେଷରେ ସଭାପତି ଉପସ୍ଥିତ ସଦସ୍ୟ/ସଦସ୍ୟା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭାକାର୍ଯ୍ୟ ସମାପ୍ତି ଘୋଷଣା କରିଥିଲେ ।

ସ୍ୱା/-
୨୮/୭/୨୦୧୧
ସଭାପତି, ତଥା
ଉପ-ଜିଲ୍ଲାପାଳ
କାମାକ୍ଷାନଗର

Sd/-
Saroj Nalini Sahoo
ସ୍ୱା/-
ଇନ୍ଦ୍ରମଣି ମହାପାତ୍ର
ସ୍ୱା/-
ଶରଣ ନାଏକ
ସ୍ୱା/-
ବିଜୟ କୁମାର ବେଜ
Sd/-
Suresh Ku. Sahoo
Sd/-
Hrudananda Maharana
Sd/-
Pabitra Sahoo
Sd/-
Mohan Nayak
Sd/-
Santi Lata Sahoo
Sd/-
Harapriya Sethy

[No.27289-ELEC(I)64/2011/HUD.]

By order of the Governor

H.K.TRIPATHY
Director, Municipal Administration and
*Ex Officio*, Joint Secretary to Government

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 1514-193+20